# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଝାରସୁଗୁଡ଼ା

ପତ୍ର ସଂଖ୍ୟା -୬୧ /ଗୃହରକ୍ଷୀ                                                        ତା. ୨୪.୦୨.୨୦୨୫

## ଝାରସୁଗୁଡ଼ା ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା

ଝାରସୁଗୁଡ଼ା ଜିଲ୍ଲାର ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ଆଗ୍ରହୀ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form-"A")ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ବାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ ସମାଦେଷ୍ଟା ଗୃହରକ୍ଷୀ ବାହିନୀ,(District Police Office)ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ ତା. ୦୧.୦୩.୨୦୨୫ ରିଖ ସକାଳ ୧୦.୦୦ ଘଟିକା ଠାରୁ ତା.୨୦.୦୩.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ଯାଏଁ ଆବେଦନ ଫର୍ମ ଦାଖଲ କରିପାରିବେ। ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ। କମ୍ପୁଟର ଜ୍ଞାନ,ଗାଡି ଚାଳନା ଜ୍ଞାନ,ରୋଷେଇ ଜ୍ଞାନ,ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ,ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନକ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତି ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୬୨। ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା/ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡ଼ିବ। ଗୃହରକ୍ଷୀ ସେବା ସ୍ଥାୟୀ ଚାକିରୀ ନୁହେଁ ।ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି,ଶୃଙ୍ଖଳା,ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No. 01/2025 ଦ୍ୱାରା ନିୟନ୍ତ୍ରିତ ହେବ। ଆବେଦନ ଫର୍ମ ଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ।

<u>ପୋଷାକ/ଭତ୍ତା-</u> ରାଜ୍ୟ ସରକାରଙ୍କ ଦ୍ବାରା ଧାର୍ଯ୍ୟ ଭତ୍ତା କାର୍ଯ୍ୟ ଦିବସ ହିସାବରେ ପ୍ରଦାନ କରାଯିବ।

<u>ଯୋଗ୍ୟତା</u>

୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨. ଆବେଦନକାରୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

୩. ଆବେଦନକାରୀ ଓଡିଆ ଭାଷା ପଢି, ଲେଖି ଏବଂ କହିପାରୁଥିବେ ।

୪. ଆବେଦନକାରୀ ସୁସ୍ଥ,ଉତ୍ତମ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।

୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ବ ହୋଇନଥିବ ।

୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରଧିନ ନ ଥିବ ।

୭.ବହିଷ୍କୃତ ଗୃହରକ୍ଷୀ କିମ୍ବା ଇସ୍ତଫା ଦେଇଥିବା ଗୃହରକ୍ଷୀ ମଧ୍ୟ ଆବେଦନ କରି ପାରିବେ ।

<u>ଆବେଦକକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଲଗ୍ନ କରିବାକୁ ପଡ଼ିବ :-</u>

୧. ଆବାସିକ ଓ ଜାତିଗତ ପ୍ରମାଣପତ୍ର ।

୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରିଗୋଟି ପାସପୋର୍ଟ ଆକାରର ଫଟୋ ।

୪. ବୈଷୟିକ ଦକ୍ଷତା ପ୍ରମାଣପତ୍ରର ନକଲ (ଯଦି ଥାଏ) ।

୫.ପରିଚୟପ୍ରମାଣପତ୍ର ସ୍ୱରୂପ (ଆଧାରକାର୍ଡ / ଭୋଟର କାର୍ଡ )।

<u>ଅଫିସ ଯୋଗାଯୋଗ ନଂ – ୯୪୩୭୯୪୪୩୩୦</u>

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ଝାରସୁଗୁଡ଼ା